ଧରିତ୍ରୀ
DHARITRI

# ମନ୍ ମିଜାଜ୍

ଗୁରୁବାର, ୦୬ ସେପ୍ଟେମ୍ବର, ୨୦୧୮



**ଖାଦ୍ୟରୁଚି** ୩
ଚିଲି ଗାର୍ଲିକ୍ ନୁଡୁଲ୍ସ



**ନିଜକଥା** ୬
ଧଳା ରଙ୍ଗରେ ଶାନ୍ତି, ସହାନୁଭୂତି ଲାଭ କରିଥାଏ



# ନନ୍ଦନକାନନର ଆକର୍ଷଣ

ଦେଶବିଦେଶର ପର୍ଯ୍ୟଟକଙ୍କ ହୃଦୟ ଜିଣୁଛି ନନ୍ଦନକାନନ ଜୈବ ଉଦ୍ୟାନ। ୧୯୬୦ରେ ସ୍ଥାପିତ ଏହି ଚିଡ଼ିଆଖାନାର ଆକର୍ଷଣ ସାଜିଛନ୍ତି କେତେକ ଖାସ୍ ପଶୁପକ୍ଷୀ। ପୂର୍ବରୁ ଏହାର ନାମ ପ୍ରାଣୀ ଉଦ୍ୟାନ ଥିଲା, ଏବେ ଏହାକୁ ଜୈବ ଉଦ୍ୟାନ କରାଯାଇଛି। ଏହା ଭାରତର ୫ ବୃହତ୍ ଚିଡ଼ିଆଖାନା ମଧ୍ୟରୁ ଅନ୍ୟତମ। ୨୦୧୭-୧୮ରେ ଏଠାକୁ ୩୨,୯୧,୫୧୮ ପର୍ଯ୍ୟଟକଙ୍କ ଆଗମନ ହୋଇଥିଲା। କିଛି ମନଲୋଭା, ଚର୍ଚ୍ଚିତ ପ୍ରାଣୀ ଓ ଆକର୍ଷଣୀୟ ଏନ୍କ୍ଲୋଜର(ଖୁଆଡ଼)କୁ ନେଇ ଏହି ଉପସ୍ଥାପନା।

## 'ମାମା'

ନନ୍ଦନକାନନ ଜୈବ ଉଦ୍ୟାନକୁ ପ୍ରବେଶ କରିବା ମାତ୍ରେ ପ୍ରଥମେ ଦେଖିବାକୁ ମିଳେ ହାତୀ। ଏହି ଏନ୍କ୍ଲୋଜରରେ ବର୍ତ୍ତମାନ ୬ଟି ହାତୀ ଅଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ୩ ଛୁଆ ହାତୀ। ତନ୍ମଧ୍ୟରେ ୬ମାସ ବୟସର ହାତୀ 'ମାମା' ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିଥାଏ। ବିଶେଷକରି ତା'ର ଚାଲିଚଳଣ ଦେଖିବା ପାଇଁ ପର୍ଯ୍ୟଟକମାନେ ଭିଡ଼ ଜମାଇଥାନ୍ତି। ଚଳିତବର୍ଷ ଏହି ହାତୀ ଛୁଆଟିକୁ ଏକ ଜଙ୍ଗଲରୁ ଉଦ୍ଧାର କରାଯାଇ ଅଣାଯାଇଥିଲା।

ପୃ ୨





ମାମା

# ନନ୍ଦନକାନନର ଆକର୍ଷଣ

ପ୍ରଥମ ପୃଷ୍ଠାରୁ...










## 'ନନ୍ଦନ', 'ବାହୁବଳୀ'

ଚିଡ଼ିଆଖାନାର ମହାବଳ ବାଘଙ୍କ ମଧ୍ୟରେ 'ନନ୍ଦନ' ଓ 'ବାହୁବଳୀ' ବେଶ୍ ଚର୍ଚ୍ଚିତ ଓ ଆକର୍ଷଣୀୟ। ନନ୍ଦନ ଏକ ଜଙ୍ଗଲୀ ବାଘ, ଯିଏ ୨୦୧୩ରେ ନିଜେ ଆସି ଧରାପଡ଼ିଥିଲା। ତାହା ବି ଥରେ ନୁହେଁ ଦୁଇ ଥର। ପ୍ରଥମେ ଏପ୍ରିଲ ୨୯ ମଧ୍ୟରାତ୍ରିରେ ଧଳାବାଘ ସଫାରି ନିକଟରେ ଧରାପଡ଼ିଥିଲା। କିନ୍ତୁ ସେହିବର୍ଷ ମେ ୩୧ ତାରିଖରେ ଏନ୍‌କ୍ଲୋଜରର ୧୮ ଫୁଟର ତାର ଜାଲି ଡେଇଁ ପଳାଇଯିବାରେ ସେ ସକ୍ଷମ ହୋଇଥିଲା। ହେଲେ ବାରମ୍ବାର ବାଘ ସଫାରି ନିକଟକୁ ଆସିଥିଲା। ଶେଷରେ ଯୋଜନାବଦ୍ଧ ଭାବେ ସେହିବର୍ଷ ଜୁନ୍ ୨୩ ତାରିଖରେ ନନ୍ଦନକାନନ କର୍ମଚାରୀମାନେ ତାକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ବାଘୁଣୀ ପ୍ରେମରେ ପଡ଼ି ବାଘଟି ଧରାପଡ଼ିଥିବା ନେଇ ଚର୍ଚ୍ଚା ହେବା ସହ ରାଜ୍ୟରେ ଚହଳ ସୃଷ୍ଟି ହୋଇଥିଲା। ଏହାପରେ ତା'ର ନାମ ନନ୍ଦନ ରଖାଯାଇଥିଲାବେଳେ ତାକୁ ନେଇ ବଂଶବୃଦ୍ଧି ଯୋଜନା କରାଯାଇଥିଲା। ଯୋଜନା ମୁତାବକ ନାଲି ବାଘୁଣୀ ମେଘା ସହ ମିଳନ ହୋଇଥିଲା। ୨୦୧୬ ଏପ୍ରିଲ ୨୦ରେ ମେଘା ଗର୍ଭରୁ ଜନ୍ମ ନେଇଥିଲା ୨ ଅଣ୍ଡିରା ଶାବକ। ୨୦୧୭ ମେ ୧୦ ତାରିଖରେ ୨ ଶାବକଙ୍କ ନାମକରଣ କରାଯାଇଥିଲା। ସେଥିମଧ୍ୟରୁ ଗୋଟିଏର ନାମ ସେହି ସମୟର ଚର୍ଚ୍ଚିତ ଫିଲ୍ମ 'ବାହୁବଳୀ' ଅନୁଯାୟୀ ରଖାଯାଇଥିଲା। ଅନ୍ୟ ବାଘ ଶାବକର ନାମ ରଖାଯାଇଥିଲା 'କୁନ୍ଦନ'। ହେଲେ ଏବେ ବି ନନ୍ଦନ ଓ ତା'ର ଛୁଆ ବାହୁବଳୀକୁ ଦେଖିବା ପାଇଁ ପର୍ଯ୍ୟଟକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳୁଛି।

## 'ଭିକି'

ନନ୍ଦନକାନନ ଏକମାତ୍ର ଚିଡ଼ିଆଖାନା, ଯେଉଁଠି ରହିଛି କଳାଲୋମଯୁକ୍ତ ୩ ବାଘ। ସେଥିମଧ୍ୟରେ ରହିଛନ୍ତି ୨୦୧୪ ଜୁଲାଇ ୨୮ରେ ଜନ୍ମ ହୋଇଥିବା କଳାଲୋମ ଯୁକ୍ତ 'କ୍ରିଷ୍ଣା' ଓ ଫିକା କଳାଲୋମ ଯୁକ୍ତ 'ଶୁଭ୍ରାଂଶୁ'। ଧଳା ବାଘୁଣୀ ସ୍ନେହା ଔରସରୁ ଜନ୍ମିତ ଏହି ଦୁଇଟି ବାଘ ବର୍ତ୍ତମାନ ସଫାରିରେ ଦର୍ଶକଙ୍କ ମନୋରଞ୍ଜନ କରୁଛନ୍ତି। ହେଲେ ଚିଡ଼ିଆଖାନାର ୩୦ନଂ. ଏନ୍‌କ୍ଲୋଜରରେ ଥିବା କଳାଲୋମ ଯୁକ୍ତ ବାଘ 'ଭିକି' ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ରହିଛି, ଯିଏକି ୨୦୧୬ ଅଗଷ୍ଟ ୯ରେ ଧଳା ବାଘୁଣୀ ସ୍ନେହା ଔରସରୁ ଜନ୍ମ ହୋଇଥିଲା। ଯେହେତୁ ସବୁ ପର୍ଯ୍ୟଟକ ସଫାରିକୁ ଯାଆନ୍ତି ତେଣୁ ଏନ୍‌କ୍ଲୋଜରରେ ମୁକ୍ତ ଭାବେ ବୁଲୁଥିବା 'ଭିକି'କୁ ନିକଟରୁ ଦେଖିବା ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଜମିଯାଏ।





## ପାଦଚଲା ବିହଙ୍ଗ ସରଣୀ

ପକ୍ଷୀ ଦେଖିବା ପାଇଁ ନନ୍ଦନକାନନ ଜୈବ ଉଦ୍ୟାନରେ ୩ ସ୍ଥାନ ରହିଛି। ସେଥିମଧ୍ୟରୁ 'ପାଦଚଲା ବିହଙ୍ଗ ସରଣୀ'(ୱାକ୍-ଥ୍ରୋ ଆଭିଏରି)କୁ ପର୍ଯ୍ୟଟକ ଅଧିକ ପସନ୍ଦ କରନ୍ତି। ୨୦୧୪ ଡିସେମ୍ବର ୨୯ରେ ଉଦ୍‌ଘାଟିତ ହୋଇଥିବା ଏହି ସରଣୀ ନିମନ୍ତେ ୯୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହା ଏପରି ଢଙ୍ଗରେ ତିଆରି ହୋଇଛି, ଯେଉଁଠି ପକ୍ଷୀମାନଙ୍କ ଗହଣରେ ରହି ପର୍ଯ୍ୟଟକ ମନଲୋଭା ପ୍ରାକୃତିକ ପରିବେଶର ମଜା ଉଠାଇପାରିବେ। ଏହା ମଧ୍ୟରେ ରହିଛି ୨୦ଟି ପକ୍ଷୀବସା ସାଙ୍ଗକୁ କୃତ୍ରିମ ଝରଣା। ପକ୍ଷୀମାନଙ୍କ ବସବାସ ପାଇଁ ଅନେକ ଗଛ ରହିଛି। ବର୍ତ୍ତମାନ ଅନ୍ୟୁନ ୧୫ ପ୍ରଜାତିର ପ୍ରାୟ ୧୫୦ ପକ୍ଷୀ ଖୋଲାରେ ରହିଛନ୍ତି। ଏମାନଙ୍କ ପାଇଁ କୌଣସି ପିଞ୍ଜରା ହୋଇନାହିଁ। ପର୍ଯ୍ୟଟକମାନେ ସେଠାକୁ ଗଲେ ପକ୍ଷୀମାନେ ସେମାନଙ୍କ କାନ୍ଧ, ମୁଣ୍ଡରେ ମଧ ବସିଯାଆନ୍ତି, ଯାହା ପର୍ଯ୍ୟଟକଙ୍କୁ ଖୁବ୍ ଆନନ୍ଦ ଦେଇଥାଏ। ବିଶେଷକରି ପିଲାମାନଙ୍କ ପାଇଁ ମାଟି ଉପରେ ବସିପାରୁଥିବା ଏବଂ ଅଳ୍ପ ଉଚ୍ଚରେ ଉଡୁଥିବା ପକ୍ଷୀ ଅଧିକ ଆକର୍ଷଣୀୟ ସାଜୁଛନ୍ତି। ତେବେ ଏଠାରେ ଥିବା ସନ୍ କନ୍ୟୁର୍, ସିଲ୍‌ଭର୍ ଫ ଜା ଣ୍ଟ , ଗୋଲ୍‌ଡେନ୍ ଫିଜାଣ୍ଟ ପ୍ରଜାତିର ପ କ୍ଷୀ ଦର୍ଶକଙ୍କୁ ଅଧିକ ଭଲଲାଗେ।

**ମନ ଜିଣୁଥିବା ସ୍ଥାନ**



## ମୁକ୍ତାକାଶ କଲରାପତରିଆ ବାଘ ଏନ୍‌କ୍ଲୋଜର




ନନ୍ଦନକାନନ ଚିଡ଼ିଆଖାନାରେ ରହିଛି ଭାରତର ସବୁଠୁ ବଡ଼ ମୁକ୍ତାକାଶ କଲରାପତରିଆ ବାଘ ଏନ୍‌କ୍ଲୋଜର୍। ୨୦୧୪ ଡିସେମ୍ବର ୨୯ରେ ଏହା ଲୋକାର୍ପିତ ହୋଇଥିବାବେଳେ ଏଥିପାଇଁ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ବାଘ ଯେପରି ବାହାରକୁ ନ ବାହାରିପାରିବ, ସେଥିପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିଛି। ଚାରିପଟେ ତାରଜାଲି ଲଗାଯାଇଛି। ସବୁଥିରେ ସୋଲାର୍ ବିଦ୍ୟୁତ୍ ପ୍ରବାହିତ ହେଉଛି। ଏବେ ୩ଟି ବାଘ ଏନ୍‌କ୍ଲୋଜର ମଧ୍ୟରେ ରହିଥିବାବେଳେ କୃତ୍ରିମ ଉପାୟରେ ପ୍ରାକୃତିକ ପରିବେଶ ତିଆରି କରାଯାଇଛି। ଏଠାରେ ପର୍ଯ୍ୟଟକମାନେ ଅତି ନିକଟରୁ କଲରାପତରିଆ ବାଘମାନଙ୍କୁ ଗଛ ଚଢ଼ିବା ଦୃଶ୍ୟ ଦେଖି ପାରୁଛନ୍ତି। ଏଭଳି ମୁକ୍ତାକାଶ କଲରାପତରିଆ ବାଘ ଏନ୍‌କ୍ଲୋଜର ଦେଶର କେତେକ ଚିଡିଆଖାନାରେ ରହିଛି।

## ୪ ସଫାରି

ଚିଡ଼ିଆଖାନାର ଏନ୍‌କ୍ଲୋଜର ଭିତରେ ଥିବା ଜନ୍ତୁଙ୍କୁ ଦେଖିଲେ ଯେତିକି ଭଲ ଲାଗେ ତା'ଠାରୁ ଅଧିକ ଭଲଲାଗେ ସଫାରି ଭିତରେ ନିକଟରୁ ଦେଖିଲେ। ତେଣୁ ପର୍ଯ୍ୟଟକମାନେ ସଫାରି ଭିତରକୁ ଯାଇଥାନ୍ତି। ବର୍ତ୍ତମାନ ୪ଟି ସଫାରି ନନ୍ଦନକାନନ ଜୈବ ଉଦ୍ୟାନରେ ରହିଛି। ତାହାହେଲା ଧଳା ବାଘ, ସିଂହ, ତୃଣଭୋଜି ଓ ଭାଲୁ ସଫାରି। ୧୯୮୪ରେ ସିଂହ ସଫାରି ଆରମ୍ଭ ହୋଇଥିଲା। ପ୍ରାୟ ୨୦ମିନିଟ୍ ବସ୍‌ରେ ଯାତ୍ରା କରିବା ପରେ ଜଙ୍ଗଲ ଭିତରେ ସିଂହ ଦେଖିବାକୁ ମିଳନ୍ତି। ଏଠାରେ ଗୋଟିଏ ସିଂହ ଓ ସିଂହୀକୁ ଛଡ଼ାଯାଇଛି। ୧୯୯୧ରେ ଧଳାବାଘ ସଫାରି ନିର୍ମାଣ ହୋଇଥିଲା। ଭାରତର ପ୍ରଥମ ଚିଡ଼ିଆଖାନା ଯେଉଁଠି ଧଳାବାଘ ସଫାରି ଖୋଲାଯାଇଥିଲା। ବର୍ତ୍ତମାନ ଏହି ସଫାରିରେ ଅନ୍ୟ ବାଘଙ୍କୁ ମଧ ଛଡ଼ାଯାଉଛି। ଦୁଇଟି କଳା ବାଘ ମଧ ଏହି ସଫାରିରେ ଦେଖିବାକୁ ମିଳେ। ସେହିପରି ୨୦୧୧ରେ ଆରମ୍ଭ ହୋଇଥିଲା ତୃଣଭୋଜି ସଫାରି। ଏଠାରେ ହରିଣ, ଶମ୍ବର, ଚାରି ଶିଙ୍ଗିଆ କୃଷ୍ଣସାର ମୃଗ, ମୟୂର ଆଦି ଦେଖିବାକୁ ମିଳନ୍ତି। ସେହିପରି ୨୦୧୨ରେ ଆରମ୍ଭ ହୋଇଥିଲା ଭାଲୁ ସଫାରି। ଏଠାରେ ଗାଢ଼ ଭାଲୁକୁ ତା'ର ପ୍ରାକୃତିକ ଆବାସସ୍ଥଳୀରେ ଦେଖିବାକୁ ମିଳେ। ମୋଟ ୭ଟି ଭାଲୁ ଏହି ସଫାରିରେ ଦେଖିବାକୁ ମିଳେ।

## 'ଖୁସି'



ନନ୍ଦନକାନନ ଜୈବ ଉଦ୍ୟାନର ଅନ୍ୟତମ ଆକର୍ଷଣ ହେଲା ମାଈ ଜିରାଫ 'ଖୁସି'। ୨୦୧୨ ଜୁଲାଇ ୧୧ରେ ପାଟଣାର ସଞ୍ଜୟ ଗାନ୍ଧୀ ପ୍ରାଣୀ ଉଦ୍ୟାନରୁ ଏହାକୁ ଅଦଳବଦଳ ପ୍ରକ୍ରିୟାରେ ଅଣାଯାଇଥିଲା। ସେତେବେଳେ ତା'ର ବୟସ ଥିଲା ପ୍ରାୟ ଦେଢ଼ବର୍ଷ। ଏହାକୁ ନେଇ ନନ୍ଦନକାନନ କର୍ମଚାରୀ ଓ ପର୍ଯ୍ୟଟକ ଖୁସି ଅନୁଭବ କରିଥିଲେ। କାରଣ ୨୦୦୮ରେ କୋଲକାତାର ଆଲିପୁର ଚିଡ଼ିଆଖାନାରୁ ଏକ ଜିରାଫ ଅଣାଯାଉଥିବାବେଳେ ବାଟରେ ବିଦ୍ୟୁତ୍ ଆଘାତରେ ତା'ର ମୃତ୍ୟୁ ଘଟିଥିଲା। ୪ ବର୍ଷ ପରେ ୨ ସିମ୍ପାଞ୍ଜି କାର୍ତ୍ତିକ ଓ ସୁଭଦ୍ରାଙ୍କ ପ୍ରତିବଦଳରେ ଏହି ମାଈ ଜିରାଫକୁ ଅଣାଯିବା ପରେ ତା'ର ନାମ ରଖାଯାଇଥିଲା 'ଖୁସି'। ଏଠାରେ ପର୍ଯ୍ୟଟକଙ୍କ ହୃଦୟ ଜିଣୁଥିବା ଖୁସିର ଏକଲାପଣକୁ ଦୂର କରିବାକୁ ହୋଇଥିଲା ପୁଣି ଅଦଳବଦଳ ଯୋଜନା। ୪ଟି ବାଘ ପ୍ରତିବଦଳରେ ୨୦୧୬ ଫେବୃୟାରୀ ୨୪ରେ କଲିକତା ଆଲିପୁର ଚିଡ଼ିଆଖାନାରୁ ୬ମାସ ବୟସ୍କ ଅଣ୍ଡିରା ଜିରାଫ 'ଜୟ'କୁ ଅଣାଯାଇଥିଲା। କିନ୍ତୁ ୫ ଦିନ ପରେ ଅର୍ଥାତ୍ ଫେବୃୟାରୀ ୨୯ରେ ତା'ର ହଠାତ୍ ମୃତ୍ୟୁ ଘଟିଥିଲା। ଫଳରେ ଏବେ ଯାଏ ଏକାକୀ ଜୀବନ ଜିଉଛି 'ଖୁସି'। ହେଲେ ତା'ର ରୂପ, ରଙ୍ଗ, ଚଳପ୍ରଚଳରେ ଆକର୍ଷିତ ହେଉଛନ୍ତି ପର୍ଯ୍ୟଟକ।

– ରିପୋର୍ଟ: ଅସମାପିକା ସାହୁ
ଫଟୋ: ବିକାଶ ନାୟକ

## ଖାଦ୍ୟ ରୁଚି



ଚାଇନିଜ୍ ହେଉ ଅବା କଣ୍ଟିନେଣ୍ଟାଲ, ପାଟିକୁ ସୁଆଦିଆ ଲାଗୁଥିବା ଖାଦ୍ୟ ଖାଇବାକୁ ଭଲ ପାଆନ୍ତି ସମସ୍ତେ। ଏହି ଖାଦ୍ୟ ଭିତରେ ଆଗରେ ରହିଛି ନୁଡୁଲ। ସନ୍ଧ୍ୟା ସମୟର ସ୍ନାକ୍ସ ହେଉ ଅବା ସକାଳର ବ୍ରେକଫାଷ୍ଟ, ପିଲାମାନଙ୍କର ଏହା ପ୍ରଥମ ଡିମାଣ୍ଡ। ଚଳିତ ସପ୍ତାହ 'ଖାଦ୍ୟରୁଚି' ସ୍ତମ୍ଭରେ ସ୍ଥାନ ପାଇଛି 'ଚିଲି ଗାର୍ଲିକ୍ ନୁଡୁଲ୍ସ'। ଏହାର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ଜଣାଇଛନ୍ତି ୟମିଜ୍ ରେଷ୍ଟୁରାଣ୍ଟର ସେଫ୍ ବିଶ୍ୱଜିତ୍ ମଲ୍ଲିକ।



# ଚିଲି ଗାର୍ଲିକ୍ ନୁଡୁଲ୍ସ

### ଆବଶ୍ୟକ ସାମଗ୍ରୀ

- ନୁଡୁଲ୍ସ- ୧୫୦ ଗ୍ରାମ୍
- ଚିଲି ସସ୍- ୫ ଗ୍ରାମ୍
- ରସୁଣ ସସ୍- ୫ ଗ୍ରାମ୍
- ପିଆଜ ୧୦- ଗ୍ରାମ୍
- ବନ୍ଧା କୋବି- ୧୦ ଗ୍ରାମ୍
- କ୍ୟାପସିକମ୍- ୫ ଗ୍ରାମ୍
- ଗାଜର- ୫ ଗ୍ରାମ୍
- ରିଫାଇନ୍ ତେଲ- ଅଳ୍ପ ପରିମାଣର
- ଛଣା ରସୁଣ- ୫ଗ୍ରାମ୍
- ଆବଶ୍ୟକ ଅନୁଯାୟୀ ଲୁଣ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ନୁଡୁଲ୍ସକୁ ଗରମ ପାଣିରେ ପକାଇ ଛାଣି ରଖିଦେବେ। ରସୁଣକୁ ଛୋଟ ଛୋଟ ଖଣ୍ଡ କାଟି ହାଲ୍କା ଭାବେ ତେଲରେ ଛାଣି ବାହାର କରିଦେବେ। ଏବେ ଏକ ପାତ୍ରରେ ଅଳ୍ପ ତେଲ ପକାଇ ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପରେ ସେଥିରେ ବନ୍ଧାକୋବି, କ୍ୟାପ୍ସିକମ୍, ଗାଜର ପକାଇ ହାଲୁକା ଭାବେ ଭାଜନ୍ତୁ। କିଛି ସମୟ ପରେ ସେଥିରେ ନୁଡୁଲ୍, ଚିଲି ସସ୍, ରସୁଣ ସସ୍ ଏବଂ ଲୁଣ ପକାଇ ଭଲଭାବେ ଗୋଳାନ୍ତୁ। ଏବେ ଏକ ପାତ୍ରକୁ ନୁଡଲ୍ସ କାଢି ସେଥିରେ ଛଣା ହୋଇ ରହିଥିବା ରସୁଣ ପକାଇ ସଜାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଚିଲି ଗାର୍ଲିକ୍ ନୁଡୁଲ୍ସ'।

ରିପୋର୍ଟ: ବନ୍ଦନା ସେଠୀ

## ମୋର ଅନୁଭୂତି

# ଶୁଟିଂ ବେଳେ ଭେଲାରେ ଭାସି ଯାଇଥିଲି

ରିପୋର୍ଟ: ବନ୍ଦନା ସେଠୀ

'ରାମା ରାମା ଚିଲ୍‌କମା', 'ଏଇ ବୋଧେ ଭଲପାଇବା', 'ସାରା ରାତି ନିଦ ଭୁଲି', 'ରୂପ ତୋର ଜ୍ୟୋସ୍ନା ଭଳି', 'ସାତରଙ୍ଗି ଓଢଣି ତୋର' ଲେଖେଁ ହିଟ୍ ଆଲବମ୍‌ରେ ଅଭିନଏ କରି ପର୍‌ଶଁସା ସାଉଁଟିଥିବାର ଦୀପକ ଏହେଦେ ଓଡ଼ିଆ ଚଲଚିତ୍‌ର ଦୁନିଆଁର ବି ଝନେ ଜନାଶୁନା ଚେହେରା ପାଲଟିଛନ୍। ଛୋଟ୍‌ବେଲୁ ନାଚ୍ ଉପ୍‌ରେ ତାକର ବଡଭାରି ସଉକ୍‌ଥିବାର ଦେଖିବାକେ ମିଳିଥିଲା। ଗୀତର ତାଳେ ତାଳେ ତାର୍‌ମନ୍‌କେ ତାକର ପାଦ୍ ନାଚୁଥିଲା। ପଛେ ମା'ବାପାକଁର ପେର୍‌ନା ପାଇ ସ୍କୁଲ, କଲେଜରେ ଭିନେ ଭିନେ କାଯ୍‌କରମ୍, ପର୍‌ତିଯୋଗିତାରେ ନାଚ୍ ଆର୍ ଅଭିନଏ କରିବସ୍‌ଲେ। ଇତାର ପରେ ଆଲବମ୍ ଦୁନିଆଁରେ ପାଦ୍ ଥାପିଥିଲେ। ବିଜ୍ଞାନ ଛାତ୍ର ହେଇଥିଲେ ବି କଳା ଉପ୍‌ରେ ରହିଥିଲା ତାକର ବଡ଼ଭାରି ରୁଚି। 'ମନ ମୋର ପ୍ରଜାପତି' ଫିଲ୍ମ ଜରିଆରେ ଚଲଚିତ୍‌ର ଦୁନିଆଁକେ ପାଦ୍ ବଢ଼େଇଥିବାର ଦୀପକ ଇ ଭିତ୍‌ରେ ବହୁତ୍‌ଟେ ଫିଲ୍ମ କରି ଦେଖନ୍‌ହାରିକଁର ମନ୍‌ପସନ୍‌ର ଅଭିନେତା ଟାଇଟଲ ହାସଲ କରିଛନ୍। ସେ ଅଭିନଏ କରିଥିବାର ଗୁଟେ ଫିଲ୍ମର ଶୁଟିଂ ବେଳେ ଘଟିଥିବାର ଗୁଟେ ଘଟନାକେ ସେ ଆମର ଆଘେ ବଖାନିଛନ୍।

**ଅଭିନେତା:** ଦୀପକ କୁମାର ବାରିକ

**ଜନମ୍:** ଡିସେମ୍ବର ୧୯

**ଏହେଦ୍‌କାର ଠିକ୍‌ନା:** କଟକ

**ସଫଲ୍‌ତା:** ୪୦୦ରୁ ଅଧିକା ଆଲବମ୍‌ରେ ଅଭିନଏ। ଚାନ୍ଦ ନା ତମେ ତାରା, ଫ୍ୟାମିଲି ନଂ. ୱାନ୍, ସପନର ନାୟିକା, ଗ୍ୟାଙ୍ଗ ଲେଖେଁ ୧୦ରୁ ଅଧିକା ଚଲଚିତ୍‌ରରେ ଅଭିନଏ, ତବଲାରେ ବିଶାରଦ୍। ରିଲିଜ୍ ହେବାକେ ଥିବାର ଫିଲ୍ମ 'ଜୋର୍‌କା ଝଟ୍‌କା'।

'ଆଖି ଖୋଲିଲେ ତୁ ହି ତୁ' ଚଲଚିତ୍‌ର ଶୁଟିଂ ସମିଆର ଘଟ୍‌ନା। ଭବାନୀପାଟଣାରେ ଶୁଟିଂ ଚାଲିଥାଏ। ଫିଲ୍ମର ଟାଇଟଲ ଗୀତ୍ 'ଆଖି ଖୋଲିଲେ ତୁ ହି ତୁ'ର ଶୁଟିଂ ନଏଦ୍ ମଝିଥି ଭେଲାରେ ହେବାର ଥିଲା। ସେଥିର୍‌ଲାଗି ମତେ ଆର୍ ଅଭିନେତ୍‌ରିକୁଁ ଗୁଟେ ଭେଲାରେ ବସେଇ ଅଁଟେ ପାଏନ୍ ଥିବାର ଜାଗରେ ଭେଲାକେ ଛାଡ୍‌ଲେ। ଆମେ ଦୁଇଝନ ଭେଲାରେ ଶୁଇଛୁଁ ଆର୍ ଡ୍ରୋନ୍‌ରେ ଗୀତ୍ ଶୁଟିଂ ଚାଲିଛେ। ହେଲେ ଶଟ୍ ଚାଲିଥିବାର ସମିଆରେ ଭେଲାରେ ଉହ୍ଲି

ଉହ୍ଲି ଆମେ ନଏଦ୍ ମଝିକେ ପଲେଇଗଲୁଁନ। କ୍ୟାମେରାମ୍ୟାନ୍ ଦେଖିଲେ ଯେ ଆମେ ବହୁତ୍ ଦୂର୍‌କେ ପଲେଇ ଗଲୁଁନ। ମୁଇଁ ଆଏଁଖି ଖୁଲି ଦେଖିଲା ବେଲେ ଆମେ ଆସି ନଏଦ୍ ମଝିରେ ହାଜର। ମୁଇଁ ପହଁରା ଜାନିଥିଲି, ହେଲେ ଅଭିନେତ୍‌ରି ଝନ୍‌କ ପହଁରା ନାଇଁଜାନି। ସେ ଡରି ପୂରା ଅଥାଥାଲି ହେଉଥାଆନ୍। ଭାଏଲ୍ କାଣା ଅସ୍‌ବିଧା ହେବା ବଲି ଆମକୁ ଭେଲାରେ ୨୦ ଫୁଟ୍ ଲମର୍ ଗୁଟେ କାତ୍‌ବାଡି ବି ଦେଇଥାଆନ୍। ହେଲେ ମୁଇଁ କାତ୍‌ବାଡି ପାଏନ୍‌ରେ ପକାଲା ବେଲେ ସେଟା ଆର୍ ତଲ୍‌କେ ନାଇଁ ପାଏବାର। ଫେନ୍ ସେ ସମିଆରେ ଭେଲାର ବାଲାନ୍ସ ଠିକ୍ ନାଇଁ ରହୁଥାଇ। ଅଭିନେତ୍‌ରିକୁଁ ନାଇଁ ଡରି କରି ବାଲାନ୍ସ ରଖି ଚୁମ୍‌ପଡି ବସ୍‌ବାକେ କହିଲି ଆର୍ ସାହାସ୍ ଯୁଟେଇ କଲେ କଲେ କାତ୍‌ବାଡି ମାରି ଭେଲାକେ ଆଗ୍‌କେ ଆନ୍‌ଲି। ଆମର ଅବସ୍‌ତା ଦେଖି କ୍ୟାମେରା ମ୍ୟାନ୍, ଆର୍ଟ ଡାଇରେକ୍ଟର ସଭେ ରଡୁଥାଆନ୍। ମୋର ପାସେ ୱାକି ଥିଲା ଆର୍ ମୁଇଁ ତାକର ସବୁକଥା ଶୁନିପାରୁଥିଲି। ଏନ୍‌ଥେଇ କେତେବାଟ୍ ଆଏଲା ଉତାରୁ ୟୁନିଟ୍‌ର ପିଲାମାନେ ପାସେଥିବାର ବଡ଼ ଦଉରାରେ ଛୋଟ୍ ଛୋଟ୍ ପଥର ବାଁଧି ମୋର୍ ପାସ୍‌କେ ଫିକ୍‌ଲେ। ମୁଇଁ ସେ ଦଉରାକେ ଧଏଲା ଉତାରୁ ସେମାନେ କଲେ କଲେ ଭେଲାକେ ଘିଚି ଖଁଡିକେ ଆନ୍‌ଲେ। ଇଟା ମୋର ଜୀବନ୍‌ର ସବୁଠାନୁ ବିପଦ୍‌ଭରା ଶୁଟିଂ ଥିଲା।



ଦୀପକ

# ସେଲ୍‌ଫି କର୍ଣ୍ଣର


@ ଆକାଶ


@ ଅରୁଣ


@ କୃପା


@ ମାନସ


@ ଦେବାଶିଷ


@ ନରସିଂହ


@ ମାଧବ


@ ମନୋଜ


@ ପଙ୍କଜ


@ ରାକେଶ


@ ସରୋଜ


@ ସତ୍ୟଜିତ


@ ଲଳିତା

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ନିଜ କଥା

**ଅତିରିକ୍ତ ତହସିଲଦାରରୁ ଚାକିରି ଜୀବନ ଆରମ୍ଭ। ଏବେ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଅବକାରୀ କମିଶନର ପଦବୀରେ ଅଧିଷ୍ଠିତ। ବ୍ୟସ୍ତବହୁଳ ସରକାରୀ ଜୀବନ ଭିତରେ ଦିନ କାଟୁଥିବା ଭାରତୀୟ ପ୍ରଶାସନିକ ସେବାର ଏହି ଅଧିକାରୀ ଜଣଙ୍କ ହେଉଛନ୍ତି ଦେବେନ୍ଦ୍ର ମହାପାତ୍ର। ବାଲେଶ୍ୱର ସହରରେ ୧୯୫୯ରେ ଜନ୍ମଗ୍ରହଣ କରିଥିବା ମହାପାତ୍ରଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ତାଙ୍କୁ ପଚରାଯାଇଥିବା କେତୋଟି ପ୍ରଶ୍ନ।**

# ଧଳା ରଙ୍ଗରେ ଶାନ୍ତି, ସହାନୁଭୂତି ଲାଭ କରିଥାଏ



ଦେବେନ୍ଦ୍ର ମହାପାତ୍ର

– ସାକ୍ଷାତ୍: ନିର୍ମଳ ପଣ୍ଡା

**ପ୍ରଥମ ଦରମାରେ କ'ଣ କରିଥିଲେ?**

୧୯୮୬ରେ ଯାଜପୁର ଜିଲାର ସୁକିନ୍ଦାରେ ଅତିରିକ୍ତ ତହସିଲଦାର ଭାବେ ଚାକିରିରେ ଯୋଗଦେଇଥିଲି। ମାସିକ ଦରମା ଥିଲା ୧୧୦୦ ଟଙ୍କା। ପ୍ରଥମ ଦରମା ମା'ଙ୍କ ହାତକୁ ବଢ଼ାଇବା ପରେ ସେ ଖୁସିରେ ଆତ୍ମହରା ହୋଇପଡିଥିଲେ।

**କେଉଁ ରଙ୍ଗ ଆପଣଙ୍କୁ ଭଲ ଲାଗେ?**

ଧଳା ରଙ୍ଗ ମୋର ପସନ୍ଦ। ଧଳା ରଙ୍ଗରେ ମୁଁ ଶାନ୍ତି ଓ ସହାନୁଭୂତି ଲାଭ କରିଥାଏ।

**ଆରେଞ୍ଜ୍ ନା ଲଭ ମ୍ୟାରେଜ?**

ମୋତେ ମାତ୍ର ୩ବର୍ଷ ବୟସ ହୋଇଥିବା ବେଳେ ବାପା ଆରପାରିକୁ ଚାଲି ଯାଇଥିଲେ। ଚାକିରି ପାଇବା ପରେ ମା' ମୋ ବାହାଘର କଥା ଚିନ୍ତା କରିଥିଲେ। ମା'ଙ୍କ ପସନ୍ଦରେ ମୁଁ ଆରେଞ୍ଜ୍ ମ୍ୟାରେଜ କରିଛି।

**ଗୀତ ଶୁଣନ୍ତି?**

ଗୀତ ଶୁଣିବା ମୋର ଅଭ୍ୟାସ। ହେଲେ କେବଳ ଓଡ଼ିଆ ଆଉ ଭଜନ।

**ରୋଷେଇ ଜାଣିଛନ୍ତି?**

ହଁ, ରୋଷେଇ କରିବାରେ ମୁଁ ସିଦ୍ଧହସ୍ତ। ଭେଜ୍ ମୋର ପସନ୍ଦ। ଅଧିକାଂଶ ସମୟରେ ଛୁଟି ଦିନରେ ନିଜ ପସନ୍ଦର ଖାଦ୍ୟ ନିଜେ ପ୍ରସ୍ତୁତ କରିଥାଏ।

**ନିଜେ ମାର୍କେଟିଂ କରନ୍ତି?**

ମାର୍କେଟିଂ କରିବାକୁ ଭଲପାଏ। କିନ୍ତୁ ସମୟ ଉପରେ ସବୁ କିଛି ନିର୍ଭର କରିଥାଏ।

**ସ୍ତ୍ରୀଙ୍କ କେଉଁ ଗୁଣ ଆପଣଙ୍କୁ ପ୍ରଭାବିତ କରିଛି?**

କଳ୍ପନା(ସ୍ତ୍ରୀ) ହେଉଛନ୍ତି ଜଣେ ଦୟାଳୁ ସ୍ୱଭାବର ମହିଳା। ପଶୁପକ୍ଷୀଙ୍କ ପ୍ରତି ତାଙ୍କର ବହୁତ ଦୟାଭାବ। ତାଙ୍କର ଏହି ସ୍ୱଭାବ ମୋତେ ବେଶ୍ ପ୍ରଭାବିତ କରିଛି।

**ସିନେମା ଦେଖନ୍ତି?**

ବହୁତ ଦିନ ହେବ ସିନେମା ଦେଖିନି। ପିଲାବେଳେ କ'ଣ ଦେଖିଥିଲି ସେ ସବୁ ମନେ ନାହିଁ।

**ବହି ପଢନ୍ତି?**

ବହି ପଢ଼ିବା ପ୍ରତି ମୋର ସ୍ୱତନ୍ତ୍ର ରୁଚି ରହିଛି। ଏବେ ସ୍ୱାମୀ ରାମଙ୍କ ଲିଭିଂ ୱିଥ୍ ହିମାଲୟନ ବହି ପଢୁଛି। ଏହାବାଦ୍ ପ୍ରତିଦିନ ଗୀତା ପଢିଥାଏ। ବାରମ୍ବାର ଗୀତା ପଢ଼ିବା ଦ୍ୱାରା ମୋତେ ସେଥିରୁ ନୂଆ ନୂଆ ଅନୁଭୂତି ମିଳିଥାଏ।

**ଜୀବନର ଅଭୁଲା କିଛି କଥା?**

୧୯୯୬ରେ ଜଳେଶ୍ୱର ତହସିଲଦାର ଥିବା ସମୟରେ ଏକ ଘଟଣା ଘଟିଥିଲା, ଯାହାକୁ ମୁଁ କେବେ ବି ଭୁଲି ପାରିବିନାହିଁ। ହଠାତ୍ ମୋତେ ଏକ ଟେଲିଫୋନ ଆସିଥିଲା। ଜଣେ ମହିଳା ବିଷ ପିଇ ଜେ.କେ. ଭଞ୍ଜ ମେଡିକାଲ ଆସିଛନ୍ତି। ଚିକିତ୍ସା ଆବଶ୍ୟକ। ହେଲେ ତାଙ୍କ ଘର ଲୋକେ ମେଡିକାଲରେ ଛାଡି ତାଙ୍କୁ ପଳାଇଥିଲେ। ଚିକିତ୍ସା ପାଇଁ ପାଖରେ ପଇସା ନାହିଁ। ଚିକିତ୍ସା ମିଳିଲେ ହୁଏତ ମହିଳା ଜଣଙ୍କ ବଞ୍ଚିଯିବେ। ସେତେବେଳକୁ ମୋ ପକେଟରେ ମାତ୍ର ୧୫୦ ଟଙ୍କା ଥାଏ। କିଛି ଚିନ୍ତା ନ କରି ମେଡିକାଲରେ ପହଞ୍ଚିଥିଲି। ସ୍ଥାନୀୟ ଏକ ମେଡିସିନ ଷ୍ଟୋରକୁ କହିଥିଲି, ଯାହା ମେଡିସିନ ଦରକାର ତୁମେ ଦିଅ, ମୋ' ଠାରୁ ପଇସା ନେବ। ମେଡିସିନ ଷ୍ଟୋରରୁ ୮୦୦ ଟଙ୍କାର ମେଡିସିନ ଲାଗିଥିଲା। ଡାକ୍ତରମାନେ ମଧ୍ୟ ସାହାଯ୍ୟ କରିଥିଲେ। ଶେଷରେ ମହିଳାଙ୍କ ଜୀବନ ବଞ୍ଚିଯାଇଥିଲା। ଆରୋଗ୍ୟ ଲାଭ କରିବା ପରେ ତାଙ୍କ ପରିବାର ଲୋକେ ତାଙ୍କୁ ମେଡିକାଲରୁ ନେଇଥିଲେ।

ଫିଟ୍‌ନେସ୍

# କାର୍ବୋହାଇଡ୍ରେଟ୍ ଥିବାର ଖାଏଦ୍ କମ୍ ଖାଏସିଁ



ଲିପ୍‌ସା

ଲିପ୍‌ସା ମିଶ୍ର, ଟେଲିଭିଜନ ଆର୍ ଚଲଚିତ୍ର ଜଗତ୍‌ର ଝନେ ଜନାଶୁନା ଚେହେରା। 'କିଛି ଲୁହ ପିଇଯାଏ ଓଠ', 'ତୋ ଅଗଣାରେ ତୁଳସୀ ମୁଁ' ଲେଖେଁ ଟେଲି ଧାରାବାହିକ୍‌ରେ ଅଭିନଏ କରି ସେ ଦେଖନ୍‌ହାରିକିଁର ପର୍‌ଶଁସା ସାଉଁଟିଛନ୍। ୨୦୧୫ରେ 'ମାୟା' ଫିଲ୍ମ ଜରିଆରେ ସେ ଚଲଚିତ୍ର ଜଗତ୍‌ରେ ପାଦ୍ ଥାପିଥିଲେ। ପଛେ 'ପିଲାଟା ବିଗିଡ଼ିଗଲା', '୪ ଇଡିଅଟ୍‌ସ' ସମେତ୍ ୫ଟା ଚଲଚିତ୍‌ରରେ ଅଭିନଏ କରିଛନ୍। ଖାଲି ସେତ୍‌କି ନୁହେ, ବହୁତ୍‌ଟେ ରିଆଲିଟି ଶୋ'ରେ ବି ଆଙ୍କରିଂ କରୁଛନ୍। ତାକର ଇ ଭିଡ଼ଭାଡ୍ ଜୀବନ୍ ଭିତ୍‌ରେ ବି ଲିପ୍‌ସା ନିଜର ଫିଟ୍‌ନେସ୍ ଉପ୍‌ରେ କେଭେ ଅବହେଲା ନାଇଁକରି। ଫିଦିନ୍ ସକାଲୁ ଉଠି ସେ ଜିମ୍ ଯାଏସନ୍। ସେଠାନେ କାର୍ଡିଓ, ମସ୍କୁଲାର ସଂଗେ ଭିନେ ଭିନେ ପର୍‌କାର ଏକ୍ସରସାଇଜ କର୍‌ସନ୍। ଇତାର ସଂଗେ ଏରୋବିକ୍ ଆର୍ ଯୋଗ ବି କର୍‌ସନ୍। ଯେତେ କାମ୍‌ଧଁଦା ଥିଲେ ବି ଠିକ୍ ସମିଆରେ ଖାଏବାରଟା ତାକର ବଏସିରା। ସବୁବେଲେ କାର୍ବୋହାଇଡ୍ରେଟ୍ ଖାଏଦ୍ କମ୍ ଖାଏବାକେ ଚେଷ୍ଟା କର୍‌ସନ୍। ଯେହେତୁ ଦିନ୍‌ସାରା ବହୁତ୍ କାମ୍‌କାଯ୍ ଥିସି, ସେଥିର୍‌ଲାଗି ହେଭି ବ୍ରେକ୍‌ଫାଷ୍ଟ କର୍‌ସନ୍। ରାଏତ୍‌ବେଲି ଯଦି କେଭେ ଶୁଟିଂ ଲାଗି ବାହାରକେ ଯିବାକେପଡସି, ତ ରୁଟି ସଂଗେ ଅଲପ୍ ସବ୍‌ଜି ଖାଏସନ୍। ନେହେଲେ ଦଲିଆ, ଶୁପ୍ ଆର୍ ଓଟ୍ସ ଖାଏସନ୍। ସବୁ ରଏବାର ସେ ମନ୍‌ଇଛା ଖାଏଦ୍ ଖାଉଥିଲା ବେଲେ ତେଲ, ମସଲା ଅଧିକା ଥିବାର ଖାଏଦ୍ ଆର୍ ଜଙ୍କ୍‌ଫୁଡ୍‌ଠାନୁ ପୂରାପୂରି ଦୂରେଇ ରହେସନ୍।

– ରିପୋର୍ଟ: ଅସମାପିକା ସାହୁ

# ମା' ସିଦ୍ଧ ଭୈରବୀ

## ତନ୍ତ୍ର ସାଧନାର ପୀଠ








ଦକ୍ଷିଣ ଓଡିଶାର ପ୍ରାଣକେନ୍ଦ୍ର ରେଶମ ସହର ବ୍ରହ୍ମପୁରରୁ ୧୮ କି.ମି. ଦୂରରେ ରହିଛି ମା' ସିଦ୍ଧ ଭୈରବୀ ପୀଠ। ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକର ମନ୍ତ୍ରିଡି ପଞ୍ଚାୟତର ମା' ସିଦ୍ଧ ଭୈରବୀ ହେଉଛନ୍ତି ଅନ୍ୟତମ ଦେବୀ ପୀଠ। ଏହି ପୀଠଟି ତନ୍ତ୍ର, ମନ୍ତ୍ର ଓ ସାଧନାର ପୀଠ ବୋଲି ପରିଚୟ ସୃଷ୍ଟି କରିଛି। ବର୍ଷ ତମାମ୍ ପଡୋଶୀ ଆନ୍ଧ୍ର ପ୍ରଦେଶରୁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥାଏ। ପ୍ରତ୍ୟେକ ସଂକ୍ରାନ୍ତି ଦିନ ମା'ଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ମାଜଣା ହୋଇଥାଏ। ଏହି ସମୟରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ନିଜର ମନସ୍କାମନା ରଖି ଏଠାକୁ ପୂଜାର୍ଚ୍ଚନା କରିବାକୁ ଆସିଥାନ୍ତି। କିମ୍ବଦନ୍ତୀ ଅନୁସାରେ ହରଡଙ୍ଗ ଗ୍ରାମର ଜି.ଗାଙ୍ଗୁଲି ରେଡ୍ଡୀ ନାମକ ଜଣେ ଚାଷୀ ନିଜ ଜମିରେ ହଳ ବୁଲାଉଥିବା ବେଳେ ଏକ ପଥରରେ ଲଙ୍ଗଳ ଲୁହା ବାଜିଥିଲା। ପରେ ସେହି ପଥରରୁ ପ୍ରଚୁର ରକ୍ତ ସ୍ରାବ ହେଉଥିବା ଦେଖିବାକୁ ମିଳିଥିଲା। ଏହା ଦେଖି ଗାଙ୍ଗୁଲି ଭୟଭୀତ ହୋଇ ଘରକୁ ଫେରିଯାଇଥିଲେ। ଉକ୍ତ ଦିନ ରାତିରେ ଗାଙ୍ଗୁଲିଙ୍କ ସ୍ୱପ୍ନରେ ଦେବୀ ମା' ଆବିର୍ଭାବ ହୋଇ ରକ୍ତସ୍ରାବ ହେଉଥିବା ପଥରକୁ ପୂଜାର୍ଚ୍ଚନା କରିବାକୁ ଆଦେଶ ଦେଇଥିଲେ। ପରେ ଗ୍ରାମବାସୀଙ୍କୁ ଗାଙ୍ଗୁଲି ସ୍ୱାପ୍ନାଦେଶ ସମ୍ପର୍କରେ ଜଣାଇଥିଲେ। ଗ୍ରାମବାସୀ ଗାଙ୍ଗୁଲିଙ୍କ ଚାଷ ଜମି ପାଖରେ ପହଞ୍ଚି ପଥରରୁ ରକ୍ତସ୍ରାବ ହେଉଥିବା ଦେଖି ଚକିତ ହୋଇଯାଇଥିଲେ। ଗ୍ରାମବାସୀ ସେହି ସ୍ଥାନରୁ ମାଟି ଖୋଳିଥିଲେ। ପରେ ଗୋଟିଏ ଗୋଡ ଏବଂ ଚାରୋଟି ହାତ ରହିଥିବା ଗୋଟିଏ ଦେବୀ ମୂର୍ତ୍ତି ବାହାରିଥିଲା। ସେହି ଦିନଠାରୁ ଏକ ପାଦ ଭୈରବୀ ନାମରେ ନାମିତ ହୋଇ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ହିନ୍ଦୁ ଶାସ୍ତ୍ର ପଦ୍ଧତି ଅନୁସାରେ ନିର୍ମିତ ମନ୍ଦିର ଭିତରେ ପ୍ରତିଷ୍ଠିତ ଦେବୀ ଭୈରବୀଙ୍କ ପୀଠର ଏକ ବିଶେଷତ୍ୱ ରହିଛି। ସେ ଚତୁର୍ଭୁଜିଆ ଏବଂ ଏକ ପାଦ ବିଶିଷ୍ଟ। ମୂର୍ତ୍ତିର ବାମ ପାର୍ଶ୍ୱର ସ୍କନ୍ଧ ନିକଟରେ ଥିବା ଖାଲୁଆ ଅଂଶରୁ ସୁବାସିତ ଗଙ୍ଗା ଜଳ ନିର୍ଗତ ହୁଏ। ମୂର୍ତ୍ତି ଐଶାନ୍ୟ କୋଣ ହୋଇ ଅବସ୍ଥିତ। ଏଠାରେ ଦେବୀ ପରମ ବୈଷ୍ଣବୀ ରୂପେ ପୂଜା ପାଇଥାନ୍ତି। ନିଃସନ୍ତାନ ମହିଳାମାନେ ବର୍ଷର ସବୁ ସଂକ୍ରାନ୍ତି ଦିନ ନିଷ୍ଠାପର ଭାବେ ଓଷା ରଖି ଦେବୀ ପୂଜାର୍ଚ୍ଚନା କଲେ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ଗଞ୍ଜାମ ଜିଲାର ସାଧବ ପୁତ୍ରମାନେ ସମୁଦ୍ରକୁ ନୌବାଣିଜ୍ୟ କରିବା ପାଇଁ ଯାଉଥିବା ବେଳେ ମା'ଭୈରବୀଙ୍କୁ ପୂଜାର୍ଚ୍ଚନା କରି ପ୍ରାକୃତିକ ଦୁର୍ବିପାକରୁ ମୁକ୍ତି ପାଇବା ପାଇଁ ଆଶିଷ ଭିକ୍ଷା କରୁଥିଲେ ବୋଲି କିମ୍ବଦନ୍ତୀରୁ ଜଣାପଡିଛି। ମନ୍ଦିର ନିକଟରେ ଜଗନ୍ନାଥ ମନ୍ଦିର ଏବଂ ୧୦୮ ମନ୍ଦିର ପ୍ରତିଷ୍ଠା ହୋଇଛି। ଏହି ପୀଠରେ ଅନ୍ୟ ଦିନମାନଙ୍କ ଅପେକ୍ଷା ଦଶହରାରେ ନବରାତ୍ର ପୂଜା ହୋଇଥାଏ। ମା'ଙ୍କ ଘଟକୁ ହରଡଙ୍ଗ ଗ୍ରାମ ପରିକ୍ରମା କରାଯାଇଥାଏ। ଭକ୍ତ ମାନଙ୍କ ପାଇଁ ଅନ୍ନ ପ୍ରସାଦ, ଖେଚୁଡି ଭୋଗ, ପୁଲିଆରୀ ଓ ଲଡୁ ଭୋଗ ଆଦି ଭୋଗ ମିଳିଥାଏ। ପ୍ରତିଦିନ ଶ୍ରଦ୍ଧାଳୁ ମାନଙ୍କ ପ୍ରସାଦ ପରିବେଷଣ ପାଇଁ ମନ୍ଦିର ପରିଚାଳନା କମିଟି ନିୟନ୍ତ୍ରିତ କରୁଛନ୍ତି। ଆଖପାଖର ୭୦ ଖଣ୍ଡ ଗ୍ରାମକୁ ନେଇ ମନ୍ଦିର ପରିଚାଳନା କମିଟି ଗଠିତ ହୋଇଛି। ଦେବୀ ପୀଠରେ ତିନୋଟି ଭାରତୀୟ ଷ୍ଟାର୍ କଇଁଛ ରହିଛି, ଯାହା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଛି।





ଭାରତୀୟ ଷ୍ଟାର୍ କଇଁଛ



ରିପୋର୍ଟ: ବ୍ରହ୍ମପୁରରୁ ସମୀର କାନ୍ତ ତ୍ରିପାଠୀ ଏବଂ ଗୋପାଳପୁରରୁ ନବୀନ ରାଜ୍ ଆଚାରୀ

ପ୍ରଦ୍ୟୁମ୍ନ ସାହୁ । ଏକାଧାରେ ଝନେ ଅଭିନେତା, ନାଟିଅକାର, ନିର୍‌ଦେଶକ୍, ଲେଖକ୍ ଆର୍ କବି ହିସାବେ ଜନାଶୁନା। ପେସାରେ ସେ ଝନେ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ, ହେଲେ ନିଶା ହେଉଛେ ଅଭିନଏ। ମଞ୍ଚରେ ଅଭିନଏ କରୁନ୍ କରୁନ୍ ସମିଆ ବଦିଲ୍‌ବାର ସଂଗେ ସେ ନିର୍‌ଦେଶକ୍ ଆର୍ ନାଟିଅକାର ପାଲ୍‌ଟି ଯାଇଥିଲେ। ଆଏଜ୍‌ତକ୍ ସେ ୧୫ରୁ ଅଧିକା ନାଟ୍ ଲେଖିଥିଲା ବେଲେ ୫୦ଟା ନାଟ୍‌ରେ ନିର୍‌ଦେଶନା ଆର୍ ୬୦ଟା ନାଟ୍‌ରେ ନିଜେ ଅଭିନଏ କରିଛନ୍। ସେନ୍‌ତା ସିଡୀ ଫିଲ୍ମ 'ନାବକେଲି' ଜରିଆରେ ପହେଲା କରି ସେ କ୍ୟାମେରା ଆଗ୍‌କେ ଆସିଥିଲେ। ପଛେ ଜନାଶୁନା ନାଁକରା ସିନେ ନିର୍‌ମାତା, ନିର୍‌ଦେଶକ୍ ସବ୍ୟସାଚୀ ମହାପାତ୍ରଙ୍କର ଆନ୍ତର୍ଜାତିକ ସ୍ତର୍‌ରେ ନାଁ କମେଇଥିବାର ଫିଲ୍ମ 'ଶଲାବୁଢ଼ା' ଆର୍ 'ଆଦିମ ବିଚାର'ରେ ଗୁଟେ ମୁଖିଆ ଚରିତ୍‌ରରେ ଅଭିନଏ ଲାଗି ସୁଯୋଗ୍ ପାଇଥିଲେ। ଆଏଜ୍‌ତକ୍ ସେ ଅଭିନଏ, ନିର୍‌ଦେଶନାର ଲାଗି ବହୁତ୍‌ଟେ ଅନୁଷ୍ଠାନ୍‌ରୁ ସନାମନା ହେଇଥିଲା ବେଲେ ବିହାର ଭାଗଲପୁରରେ ଅନୁଷ୍ଠିତ୍ ଜାତୀୟ୍ ନାଟ୍ ମହୋଛବ୍‌ରେ 'ରାଷ୍ଟ୍ରୀୟ୍ କଳା ସମ୍ମାନ'ରେ ସନାମନା ହେଇଛନ୍। ଛୁଆବେଲୁ ଅଭିନଏ ଉପ୍‌ରେ ରୁଚି ରଖିଥିବାର ଆର୍ ନିଜର ଯାଦୁଗରି ଅଭିନଏ ଶଇଲିର ଲାଗି ଦେଖନ୍‌ହାରିଙ୍କର ହୁରୁଦ୍ ଛିଁ ପାରିଥିବାର ଇ ଯୁବ ଅଭିନେତାଙ୍କର ମନର କଥାକେ ନେଇ ଇଥରର ଧରିତ୍ରୀ ଆଲାପ...।

ଧରିତ୍ରୀ ଆଲାପ


ପ୍ରଦ୍ୟୁମ୍ନ ସାହୁ

# 'ଆଦିମ ବିଚାର'ର ଶୁଟିଂ ପିକ୍‌ନିକ୍ ଲେଖେଁ ଲାଗୁଥିଲା

**ଆପନ୍ ନାଟ୍ ଜଗତ୍‌କେ କେନ୍‌ଥେଇ ଆଏଲେ?**

ନାଟ୍‌କେ ଆଏବାରଟା ମୋର ଛୁଆବେଲୁ ଆରମ୍ ହେଇଥିଲା। ଦଁଡ୍‌ନାଟ୍ ଦଲ୍ ଗାଁରେ ଗୁଟେ ରାଏତ୍, ଗୁଟେ ଦିନ୍ ସୁଆଙ୍ଗ ଅଭିନଏ କଲା ଉତାରୁ ପଲାସନ୍। ହେଲେ ମାସ୍ ମଏନା ସେ ସୁଆଙ୍ଗକେ ଆମେ ଗାଁର ପିଲେ ଅଭିନଏ କରୁଥିଲୁଁ। ସୁଆଙ୍ଗର ମାଏଝି ଚରିତ୍‌ରରେ ମୁଇଁ ଅଭିନଏ କରୁଥିଲି। ହୁଏତ ସେଟା ମୋର ନାଟ୍ ସଂଗେ ପହେଲା ପରିଚଏ। ପଛେ ସୋନପୁର ମଝିପଡା ପ୍ରାଥମିକ ବିଦ୍ୟାଳୟରେ ପଢ଼ଲା ବେଲେ ସ୍କୁଲ୍‌ର ବଛର୍‌କି ଉଛବ୍‌ରେ ମଞ୍ଚସ୍ଥ ନାଟ୍ 'ମହାସତୀ ସୁକନ୍ୟା'ରେ ମୁଇଁ ଚ୍ୟବନ ଋଷି ଭୂମିକାନେ ବାହାରିଥିଲି। ସେଟା ମୋର୍ ପହେଲା ମଞ୍ଚାଭିନଏ ଆର୍ ସେନୁ ମୋର୍ ନାଟୁଆ ଜୀବନ୍ ଆରମ୍ ହେଇଥିଲା।

**ଅଭିନଏ ସଂଗେ ଆପନ୍ କେନ୍‌ଥେଇ ଝନେ ନାଟିଅକାର ଆର୍ ନିର୍‌ଦେଶକ୍ ହେଲେ?**

ମହାରାଜା ହାଇସ୍କୁଲରେ ମୁଇଁ ସେତେବେଲେ ୧୦ମ ଶ୍ରେଣୀରେ ପଢୁଥାଏଁ। ସ୍କୁଲରେ ବିଜ୍ଞାନ ପଦର୍‌ଶନୀର ଆୟୋଜନ ହେଇଥାଏ। ଇ ଅବ୍‌ଛର୍‌ରେ ଆମେ ଗୁଟେ ନାଟ୍ କର୍‌ବାକେ ଥିର୍ କଲୁଁ। ଶିକ୍ଷୟତ୍ରୀ ଇନ୍ଦ୍ରାଣୀ ମିଶ୍ରଙ୍କର ନାଟ୍ 'ଗାଉଁଲି ଝିଅ' ମଞ୍ଚସ୍ଥ ହେବାର ଥାଏ। ହେଲେ ନିର୍‌ଦେଶନା ଦେବାକେ କେହି ସମିଆ ଦେଇ ନାଇଁପାର୍‌ଲେ। ଉପେ ଶୂଇନ୍ ହେଇ ଶେଷେ ମୁଇଁ ନିର୍‌ଦେଶନା ଦେଲି। ସେନ୍‌ତା ସୋନପୁର କଲେଜରେ ପଢ଼ଲାବେଲେ କଲେଜରେ ଗୁଟେ ନାଟ୍ ପର୍‌ତିଯୋଗିତାର ଆୟୋଜନ୍ ହେଉଥାଏ। ସେ ସମିଆରେ ମୋର କଲମ୍‌ରୁ ଜନମ୍ ନେଲା ପହେଲା ନାଟ୍ 'ଭୁଖ୍'।

**ଆଏଜ୍‌ତକ ଆପନ୍ କେତେଟା ନାଟ୍ ଲେଖିଛନ୍?**

ଭୁଖ୍, ଉଲଟା ଭାରତ୍, ବିଲେରୁ ବିବେକାନନ୍ଦ, ଶିଳ୍ପୀ ଆର୍ କୁଇଲି ଲେଖେଁ ୧୫ ଖଁଡ୍ ନାଟ୍ ଲେଖି ସାରିଛେଁ। ପାଖାପାଖି ୫୦ଟା ନାଟ୍‌ର ନିର୍‌ଦେଶନା ଦେଇଛେଁ।

**ଜୀବନ୍‌ରେ ନାଟ୍‌କେ କେତେକର ଗୁରୁତ୍ ଦେସନ୍?**

ନାଟ୍ ହିଁ ମୋର୍ ପେମ୍, ମୋର ପେମିକା, ମୋର ଜୀବନ୍‌ର ମେରୁଦଣ୍ଡ। ନାଟ୍ ନ ମୋର ଜୀବନ୍‌ର ମାର୍‌ଗଦର୍‌ଶକ୍।

**ଆପନ୍‌କର କିଛି ବିଶେଷ ଅନୁଭୂତି?**

ବୌଦ୍ଧ ଜିଲା ଖଟଖଟିଆର କଳାକାରମାନଙ୍କୁ ନେଇ ନାଟ୍ କୁଇଲିର ରିହାରସେଲ ଚାଲିଥାଏ। ମୁଇଁ ଫିଦିନ୍ ବେଲ୍‌ବୁଡେ ସୋନପୁରରୁ ୨-୩ ଝନ୍ କଳାକାରଙ୍କୁ କାରରେ ଧରି ଯାଏଁ। ସେଠାନେ ବଡ଼ଭାଗି ଦିନ୍ ରାଏତ୍ ବେଲି ଲାଇନ୍ ନାଇଁ ରହେ। ହେଲେ ବାହାରେ ମୋର ଗାଡିର ଲାଇଟ୍ ଜଲେଇ ଆମେ ନାଟର ରିହାରସେଲ କରୁଥିଲୁଁ। ସେ ନାଟ୍ ପହୁତ୍ ପର୍‌ଶଁସା ଆର୍ ପୁରସ୍କାର ସାଉଁଟିବାରଟା ମୋର ଲାଗି ଗୁଟେ ଭିନେ ପର୍‌କାର ଅନୁଭୂତି ଆଏ।



**ରୁପେଲି ପରଦାକେ କେନ୍‌ଥେଇ ଆଏଲେ?**

ପାଣିନି ପ୍ରାଞ୍ଜ ଆର୍ ଗଦାଧର ବାରିକଙ୍କର ନିର୍‌ଦେଶିତ୍ 'ନାବକେଲି'ରେ କୃଷ୍ଣ ଭୂମିକାନେ ଅଭିନଏ କର୍‌ବାର ହେଉଛେ କ୍ୟାମେରା ଆଘେ ମୋର ପହେଲା ଅଭିନଏ। ପଛେ ବାଁଧଶିଲ୍‌ପକେ ନେଇ ଦୁଇଟା ବୃତ୍ତଚିତ୍ର ତିଆର କଲି। ପରେ ନିର୍‌ଦେଶକ୍ ସବ୍ୟସାଚୀ ମହାପାତ୍ର ଶଲାବୁଢ଼ା ଆର୍ ଆଦିମ ବିଚାର ଚଲଚିତ୍‌ରରେ ସୁଯୋଗ୍ ଦେଲେ।

**ଶଲାବୁଢ଼ା ଆର୍ ଆଦିମ ବିଚାର ବାବ୍‌ଦେ କିଛି କହେବେ?**

ଉଭଏ ସିନେମାର ଶୁଟିଂ ପିକ୍‌ନିକ୍ ଲେଖେଁ ଲାଗୁଥିଲା। ସଭେ ସେଥିର୍ ମଜା ନେଉଥିଲୁଁ। ସବ୍ୟ ଦାଦା ଝନେ ଚମତ୍‌କାର ନିର୍‌ଦେଶକ୍। ଆଦିମ ବିଚାରରେ ଚରିତ୍‌ର ଅନ୍‌ସାରେ ମୋର୍ ଦିହିର ରଂଗ କଲା ହେବାର ଦର୍‌କାର ପଡୁଥିଲା। ସବ୍ୟ ଦା ଦିହେ ତେଲ ମାଲିସ୍ କରି ଖରାରେ ଠିଆ ହେବାକେ ମୋତେ କହେଲେ। ତେଲ୍ ମାଖି ବନେଘଡେ ଖରାରେ ଠିଆ ହେଲା ଉତାରୁ ଦିହିର ରଂଗ କଲା ପଡିଯାଇଥିଲା। ଶୁଟିଂ ଶେଷ ହେଲା ବେଲ୍‌କେ ମଏଲା ଲେଖେଁ ମୋର୍ ଦିହୁ ଗୁଟେ ପୁର୍ ଗୁହ୍ଳୁରି ଚମ୍‌ଡା ଛାଡ଼ିଯାଇଥିଲା।

**ଆପନ୍‌କର ଜୀବନ୍‌ର କେତେ ଅଭୁଲା ସୁଁର୍‌ତି ବାବ୍‌ଦେ କହେବେ କାଏଁ?**

ସେଦିନ ଦଶରା ଥାଏ। ମୋତେ ସବ୍ୟସାଚୀ ମହାପାତ୍ର କହେଲେ, ପ୍ରଦ୍ୟୁମ୍ନ! ତୁମେ ମୋର ଆଏବାର ଚଲଚିତ୍‌ରରେ ଅଭିନଏ କରୁଛ। ଇଟା ତୁମର ଲାଗି ମୋର୍ ତର୍‌ଫୁ ଦଶରା ଭେଟି। ଅଲପ୍ କେତେ ଦିନ୍ ଉତାରୁ ସେ ମୋତେ ଘର୍‌କେ ଡାକ୍‌ଲେ, ହେଲେ କିଛି ନାଇଁ କହେଲେ। ମୁଇଁ ଘର୍‌କେ ଫିର୍‌ଲି। ସେଦିନ ରାତି ସାଢ଼େ ଦଶଟା ବେଲେ ହଠାତ୍ ତାଁକର ଫୋନ୍ ଆଏଲା। କହେଲେ, ତୁମେ ଶଲାବୁଢ଼ାର ଗୁଟେ ମୁଖିଆ ଚରିତ୍‌ର ଗୁନାରୁ ଭୂମିକାନେ ଅଭିନଏ କର୍‌ବାର ଲାଗି ଥିର୍ ହେଇଛେ। ମୋର୍ ବିଶାସ୍ ଅଛେ, ତୁମେ ସେ ଚରିତ୍‌ରରେ ଅଭିନଏ କରିପାର୍‌ବ। ସେଦିନର ରାଏତ୍‌ଟା ମୋର ଜୀବନ୍‌ରେ ସବୁଦିନର ଲାଗି ଅଭୁଲା ସୁଁର୍‌ତି ହେଇ ରହେବା।

**ମଞ୍ଚ ଆର୍ ସିନେମାରେ ଅଭିନଏ କେତେକର ଭିନେ ଆଏ?**

ଉଭଏ ନିଜର ନିଜର ଜାଗାରେ ଖାସ୍ ଆଏ। ହେଲେ ଝନେ ଅଭିନେତାର ଲାଗି ନିଛକ୍ ଅଭିନଏଟା ସବୁଠାନେ ଠିକ୍ ଆଏ।

**ଓଡ଼ିଶା ନାଟ୍ ଜଗତ୍ ବାବ୍‌ଦେ କାଣା କହେବେ?**

ଓଡ଼ିଶାରେ ନାଟ୍ ଲାଗି ପୃଷ୍ଠପୋଷକତାର ବଡ଼ଭାରି ଅଭାବ ରହିଛେ। ବହୁତ୍‌ଟେ ଜିଲା ସଦରରେ ମଞ୍ଚଟେ ବି ନାଁଇଁନ। ଆଲୋକ ସଂପାତ ସଂଗେ ଅଭିନଏ ଅଭିଆସ କର୍‌ବାରଟା ତ ସାତ୍ ସପନ୍ ଆଏ। ହେଲେ ବି ନାଟୁଆକର ଉଛାହ ନାଇଁ କମି। ଭଲ ନାଟ୍ ପର୍‌ଦର୍‌ଶନ୍ ଲାଗି ସେମାନ୍‌କର ଚେଷ୍‌ଟା, ନିଷ୍ଠା ପର୍‌ଶଁସା କଲା ଲେଖେଁ।

**ଆଘର୍ ଆର୍ ଏହେଦ୍‌କାର ନାଟ୍ ଭିତ୍‌ରେ କାଣା ଫରକ୍ ଦେଖୁଛନ୍?**

ନାଟ୍ ପରିବେଷନ ଶଇଲିରେ ବହୁତ୍ ପରିବର୍‌ତନ୍ ଦେଖିବାକେ ମିଲିଛେ, ସେଟା ସୁଆଭାବିକ୍ ଆଏ। ହେଲେ ନାଟ୍ ପର୍‌କାଶନ୍‌ଟା ନିରାଶ କଲା ଲେଖେଁ ଅବସ୍‌ତାରେ ଅଛେ। ଆଏଜ୍‌କାଲିର ବହୁତ୍‌ଟେ ନାଟ୍ ଯଦିବି ମଞ୍ଚାୟନ୍ ହେଲାବେଲେ ବହୁତ୍ ଭଲ୍ ଲାଗୁଛେ, ହେଲେ ସେଟା ଝନେ ସାଧାରନ୍ ପାଠକ୍ ପାସେ ପୁହୁଁଚିଲା ବେଲେ ଅବୁଝା ରହୁଛେ।

**ଆପନ୍‌କର ପସନ୍‌ର ନାଟ୍ କେନ୍‌ଟା ଆର୍ ନାଟିଅକାର କିଏ?**

ଇ ତାଲିକାରେ ବହୁତ୍‌ଟେ ନାଁ ଆଏବା, ଯେନ୍‌ତା କି ଗିରୀଶ କର୍ନଡ, ବାଦଲ ସରକାର, ବିଜୟ ତେନ୍ଦୁଲକର, ମନୋରଞ୍ଜନ ଦାସ, ନାଟ୍ୟରଶ୍ମୀ ପ୍ରଫୁଲ୍ଲ ରଥ, ରତି ମିଶ୍ର, ପ୍ରାଣବନ୍ଧୁ କର, ରଣଜିତ ପଟ୍ଟନାୟକ, ଅଟଳ ବିହାରୀ ପଣ୍ଡା, ଜଗଦାନନ୍ଦ ଛୁରିଆ, ଅଶୋକ ବହିଦାର, ସତ୍ୟ ରଂଜନ ବେହେରା, କେଶ ରଂଜନ ପଧାନ, ପୁରୁଷୋତ୍ତମ ମିଶ୍ର ଲେଖେଁ ଆହୁରି ବହୁତ୍ ଅଛନ୍। ବାକି ରହେଲା ପସନ୍‌ର ନାଟ୍ କଥା। ମୁଇଁ କହେମି ସବୁ ନାଟ୍ ନିଜର ନିଜର ଜାଗାରେ ଭିନେ ଆର୍ ଖାସ୍ ଆଏ।

**କେନ୍ ଚଲଚିତ୍‌ର ଆପନ୍‌କର ମନ୍ ଜିତିଛେ?**

ଗୁଟେ କି ଦୁଇଟା ଚଲଚିତ୍‌ର ନାଁ କହେଲେ ଉନିଆମାନ୍‌କର ଉପ୍‌ରେ ଅବିଚାର ହେବା। ବହୁତ୍ ଚଲଚିତ୍‌ରର କଥାବସ୍‌ତୁ ଆର୍ ତିଆରି ଶଇଲିଟା ମୋତେ ମୋହିତ୍ କରିଛେ। ଏଭେ ତ ବହୁତ୍ ଛୋଟ୍ ଛୋଟ୍ ଚଲଚିତ୍‌ର ୟୁଟ୍ୟୁବ୍‌ରେ ଦେଖିବାକେ ମିଲୁଛେ, ସେସବୁ ବି କେହେନ୍‌ସି ଗୁନେ କମ୍ ନୁହେ।

**ଆପନ୍‌କର ଆଦର୍ଶ କିଏ?**

କେହେନ୍‌ସି ଝନେ ଲୋକ୍‌କେ ମୁଇଁ ଆଦର୍ଶ ହିସାବେ ନାଇଁ ନେଇପାରି। ଝନେ ଯେନ୍‌ସି ବି ସ୍ତରର ଲୋକ୍ ହେଇଥାଉନ୍, ତାକର ଭିତ୍‌ରେ ଥିବାର ଭଲ୍ ଗୁନ୍‌କେ ଶିଖିବାର ଚେଷ୍‌ଟା କର୍‌ସିଁ।

**ଅଭିନଏ ବାହାରେ ଆର୍ କେନ୍‌ଥିରେ ରୁଚି ଅଛେ?**

ଅଭିନଏ ବାହାରେ ମୁଇଁ ମଞ୍ଚ ସଂଯୋଜନା ବି କର୍‌ସିଁ। ଇତାର ବାହାରେ କବିତା, ପ୍ରବନ୍ଧ ଲେଖିବାକେ ଭଲ୍ ପାଏସିଁ। ଅଲପ୍ କେତେ ସ୍ମରଣିକା ଆର୍ ସାହିତିଅ ପତ୍‌ରିକାର ସଂପାଦନା ଦାଇତିଅ ବି ତୁଲେଇଛେଁ।

**ଆଗ୍‌କେ କାଣା କର୍‌ବାର ଲକ୍ଷ୍ୟ ରଖିଛନ୍?**

ନୋଡାଲ ଆସୋସିଏଶନ ଫର ଆମେଚର ଥିଏଟର 'ନାଟ୍' ନାଁରେ ଗୁଟେ ଅନୁଷ୍‌ଠାନ୍ ଗଢ଼ି ଗଲା ବଛର୍‌ନୁ ସୋନପୁରରେ ଗୁଟେ ଜାତୀୟ ନାଟ୍ ମହୋଛବ୍‌ର ଆୟୋଜନ୍ କରୁଛୁଁ। ଖାସ୍ ନାଟ୍ ଲାଗି ଗୁଟେ ଥାୟୀ ମଞ୍ଚ ସଂଗେ ଅଡିଟୋରିୟମ ତିଆରି ଆର୍ ଫିଦିନ୍ ନାଟ୍ ପର୍‌ଦର୍‌ଶନ୍ ଲାଗି କାମ୍ କର୍‌ବାର ଲକ୍ଷ୍ୟ ରଖିଛେଁ।

– ସାକ୍ଷାତ୍: ମୃତ୍ୟୁଞ୍ଜୟ ଶତପଥୀ